# NATIONAL NEWS BULLETIN (ODIA)
## 28 March - 2025
## Morning Bulletin : 7.15 a.m.
*********************************

## ମୁଖ୍ୟ ସମ୍ବାଦ

- ଭାରତ ପାଇଁ ବିପଦ ସୃଷ୍ଟି କରୁଥିବା ଲୋକଙ୍କୁ ଦେଶ ମଧ୍ୟକୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଏପ୍ରିଲ୍ ପହିଲାରୁ ଆରମ୍ଭ ହେବ ଆବେଦନ ।
- ଚଳିତ ଆର୍ଥିକ ବର୍ଷରେ ଦେଶରେ ୧ ବିଲିୟନ୍ ଟନ୍ ଅତିକ୍ରମ କରିଛି କୋଇଲା ଉତ୍ପାଦନ ।
- ଏପ୍ରିଲ୍ ପହିଲାରୁ ୫ ଦିନିଆ ଭାରତ ଗସ୍ତରେ ଆସିବେ ଚିଲି ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୫ ୱିକେଟ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ।

# ଅମିତ ଶାହା–ଇମିଗ୍ରେସନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଯେଉଁମାନେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛନ୍ତି ସେମାନଙ୍କୁ ଭାରତ ମଧ୍ୟକୁ ପ୍ରବେଶ କରିବା ଲାଗି ଅନୁମତି ଦିଆଯିବ ନାହିଁ । ଇମିଗ୍ରେସନ୍ ଏବଂ ଫରେନର୍ସ୍ ବିଲ୍ ୨୦୨୫ ସମ୍ପର୍କିତ ଆଲୋଚନାରେ ଭାଗ ନେଇ ଶ୍ରୀ ଶାହା କହିଛନ୍ତି, ରୋହିଙ୍ଗ୍ୟା ହୁଅନ୍ତୁ କି ବାଂଲାଦେଶୀ ଯେଉଁମାନେ ଭାରତ ମଧ୍ୟକୁ ଆସି ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ କହିଛନ୍ତି, ଭାରତ ସେମାନଙ୍କ ପାଇଁ ଧର୍ମଶାଳା ନୁହେଁ, ଯେଉଁଠି ଯିଏ ଯେତେଦିନ ପାରିବ ରହିପାରିବ ।

## V/O-Amit Saha Immigration Bill

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଦେଶ ମଧ୍ୟକୁ କେଉଁମାନେ ପ୍ରବେଶ କରୁଛନ୍ତି ଓ ସେମାନେ କେତେ ଦିନ ଦେଶ ମଧ୍ୟରେ ରହୁଛନ୍ତି ସେ ସମ୍ପର୍କରେ ସରକାର ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିବେ । ସେ କହିଛନ୍ତି, ସରକାର ଏ ଦିଗରେ ଏକ ସମନ୍ୱିତ ବ୍ୟବସ୍ଥା ଆପଣେଇବାକୁ ଯାଉଛନ୍ତି । ଏହି ବିଲ୍ ଜରିଆରେ ସରକାର ଭାରତ ମଧ୍ୟକୁ ପ୍ରବେଶ କରୁଥିବା ବିଦେଶୀମାନଙ୍କ ଗତିବିଧି ଉପରେ ନଜର ରଖିବେ । ତେବେ ଯେଉଁମାନେ ଦେଶ ମଧ୍ୟକୁ ଆସି ବ୍ୟବସାୟ କରୁଛନ୍ତି ଏବଂ ଦେଶର ବିକାଶରେ

ସହଯୋଗ କରୁଛନ୍ତି ସେମାନଙ୍କୁ ସରକାର ସବୁ ସହାୟତା ଯୋଗାଇଦେବେ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସମବାୟ କ୍ଷେତ୍ର ଦ୍ୱାରା ପରିଚାଳିତ ସହକାର ଟ୍ୟାକ୍ସି ବ୍ୟବସ୍ଥା ପ୍ରଚଳନ କରିବେ । ଲୋକସଭାରେ ଏ ସମ୍ପର୍କିତ ଆଲୋଚନାର ଉତ୍ତରରେ ସେ କହିଛନ୍ତି, ଏହି ପଦକ୍ଷେପ 'ସହକାର୍ ସେ ସମୃଦ୍ଧି' ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବ । ଖୁବ୍ ଅଳ୍ପ ଦିନ ମଧ୍ୟରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଦୁଇ ଚକିଆ, ଚାରି ଚକିଆ ଯାନ ଗୁଡ଼ିକ ଏହି ଯୋଜନା ଅଧୀନରେ ପଞ୍ଜିକରଣ କରାଯିବ ଏବଂ ଲାଭାର୍ଥ ସିଧାସଳଖ ଗାଡ଼ି ଚାଳକଙ୍କ ପାଖକୁ ଦିଆଯିବ ବୋଲି ସେ କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ସହକାର୍ ସେ ସମୃଦ୍ଧି କେବଳ ଏକ ସ୍ଲୋଗାନ୍ ନୁହେଁ ବରଂ ଏହାକୁ ସାକାର କରିବା ପାଇଁ ସମବାୟ ମନ୍ତ୍ରଣାଳୟ ଗତ ସାଢ଼େ ତିନି ବର୍ଷ ଧରି ପ୍ରସ୍ତୁତି କରିଛି । ଖୁବ୍ ଶୀଘ୍ର ଏକ ସମବାୟ ବିମା କମ୍ପାନୀ ଗଠନ କରାଯିବ, ଯାହାକି ଦେଶର ସମବାୟ ବ୍ୟବସ୍ଥା ମାଧ୍ୟମରେ ବିମା ପରିଚାଳନା କରିବ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O-Amit Saha on Taxi**

# ବାଲ୍ ପୁରସ୍କାର ଆପ୍ଲିକେସନ୍

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଆବେଦନକାରୀମାନେ ଆସନ୍ତା ଏପ୍ରିଲ୍ ପହିଲାରୁ ନ୍ୟାସନାଲ୍ ଆୱାର୍ଡ୍ ପୋର୍ଟାଲ୍ ଜରିଆରେ ଆବେଦନ କରିପାରିବେ । ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁଲାଇ ୩୧ ସୁଦ୍ଧା ୫ରୁ ୧୮ ବର୍ଷ ବୟସ ମଧ୍ୟରେ ଭାରତୀୟ ନାଗରିକ ଥିବା ଶିଶୁମାନେ ଏହି ପୁରସ୍କାର ପାଇଁ ଆବେଦନ କରିପାରିବେ । ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ସଫଳତା ପାଇଁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରାଯାଉଛି । ଚଳିତ ବର୍ଷ ଜୁଲାଇ ୩୧ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିବାକୁ ହେବ ।

# ଜେକେ କ୍ୟାବିନେଟ୍

ଜାମ୍ମୁ କାଶ୍ମୀରରେ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଗତ ମାର୍ଚ୍ଚ ୭ ତାରିଖରେ ଘୋଷଣା କରିଥିବା ବଜେଟ୍‌କୁ କାର୍ଯ୍ୟକାରି କରିବା ଲାଗି କ୍ୟାବିନେଟ୍ ଅନୁମୋଦନ କରିଛି । ଏଥିରେ ଅନ୍ତୋଦୟ ଅନ୍ନ ଯୋଜନା ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ

୨୦୦ ୟୁନିଟ୍ ଲେଖାଏଁ ମୁକ୍ତ ବିଜୁଳି ଏବଂ ପରିବାର ପିଛା ୧୦ କିଲୋଗ୍ରାମ ଲେଖାଏଁ ମୁକ୍ତ ରାସନ ସାମଗ୍ରୀ ଯୋଗାଇ ଦିଆଯିବ । ଏହାଛଡ଼ା ୧୦ ଲକ୍ଷ ବୟସ୍କ ଏବଂ ଅନ୍ୟାନ୍ୟ ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶି ବୃଦ୍ଧି କରାଯାଇଛି । ୬୦ ବର୍ଷରୁ କମ୍ ହିତାଧିକାରୀଙ୍କୁ ମାସିକ ୧୨୫୦ ଟଙ୍କା ପେନ୍‌ସନ୍ ଦିଆଯିବାକୁ ଥିବା ବେଳେ ୬୦ରୁ ୮୦ ବର୍ଷ ବୟସର ଲୋକଙ୍କୁ ୧୫୦୦ ଟଙ୍କା ଏବଂ ୮୦ ବର୍ଷ ବୟସରୁ ଅଧିକ ଲୋକଙ୍କୁ ୨ହଜାର ଟଙ୍କା ଲେଖାଏଁ ପେନ୍‌ସନ୍ ଦିଆଯିବ । ଏହାଛଡ଼ା ଅନ୍ତୋଦୟ ଅନ୍ନ ଯୋଜନାରେ ବିବାହ ସହାୟତା ଲାଗି ୭୫ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇଦିଆଯିବ ।

## ଜେକେ ଏନ୍‌କାଉଣ୍ଟର କାଠୁଆ

ଜାମ୍ମୁ କାଶ୍ମୀରର କାଠୁଆ ଜିଲ୍ଲା ଅନ୍ତର୍ଗତ ଜୁଥାନା ନିକଟବର୍ତ୍ତୀ ସୁଫେନ୍ ଜଙ୍ଗଲରେ ସନ୍ତ୍ରାସବାଦୀ ଓ ସୁରକ୍ଷାବଳ ମଧ୍ୟରେ ଗୁଳି ବିନିମୟରେ ତିନି ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାରେ ତିନି ଜଣ ଯବାନ ସହିଦ ହୋଇଥିବା ଜଣାପଡ଼ିଛି । ଅନ୍ୟ ଚାରି ଜଣ ଯବାନ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଆହତମାନଙ୍କୁ ଜାମ୍ମୁ, କାଠୁଆ ଏବଂ ପଠାନକୋଟ୍ ସ୍ଥିତ ସେନା ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ ଗତକାଲି ସକାଳେ ସୁଫେନ୍ ଜଙ୍ଗଲରେ ଆତଙ୍କବାଦୀମାନେ ରହିଥିବା ଗୁଇନ୍ଦା ସୂଚନା ମିଳିବା ପରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଗୁଳି ବିନିମୟରେ ମୃତ୍ୟୁ ହୋଇଥିବା ତିନି ଜଣ ଆତଙ୍କବାଦୀଙ୍କ ମୃତ ଦେହ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇନାହିଁ । ସମ୍ପୃକ୍ତ ଅଞ୍ଚଳକୁ ଅଧିକ ସଂଖ୍ୟାରେ ଯବାନମାନଙ୍କୁ ପଠାଯାଇଛି ।

ଚଳିତ ମାସ ୨୩ ତାରିଖରେ ଆନ୍ତର୍ଜାତିକ ସୀମା ନିକଟବର୍ତ୍ତୀ ସାନ୍ୟାଲ ଗ୍ରାମରେ ୫ ଜଣ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡ଼ିଥିଲା । ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରାଯାଇ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । କିନ୍ତୁ ସମ୍ପୃକ୍ତ ଆତଙ୍କବାଦୀମାନେ ସେହି ଅଞ୍ଚଳରୁ ଖସିଯାଇ ସୁଫେନ୍ ଜଙ୍ଗଲକୁ ପଳାଇ ଯାଇଥିଲେ ।

## କୋଲ ଅକସନ୍

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ କହିଛନ୍ତି, ଭାରତ କୋଇଲା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଚଳିତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ୧ ବିଲିୟନ୍ ଟନ୍ ଅତିକ୍ରମ କରିଛି ବୋଲି ସେ ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ବାଣିଜ୍ୟିକ କୋଇଲା ଖଣି ନିଲାମର ଦ୍ୱାଦଶ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ

ମନ୍ତ୍ରୀ ଶ୍ରୀ ରେଡ୍ଡୀ ଏହା କହିଛନ୍ତି । ଭାରତରେ ବିଶ୍ୱର ପଞ୍ଚମ ବୃହତମ ଭୂପୃଷ୍ଠ କୋଇଲା ଭଣ୍ଡାର ରହିଛି ।

**V/O-G.kishan Reddy Cut-1**

କୋଇଲା ଉତ୍ପାଦନ ଏବଂ ବ୍ୟବହାର କ୍ଷେତ୍ରରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ରାଷ୍ଟ୍ରର ମାନ୍ୟତା ପାଇଛି । ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଏ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିଛି ବୋଲି ସେ କହିଛନ୍ତି । ଏକାଦଶ ପର୍ଯ୍ୟାୟ ସୁଦ୍ଧା ୧୨୫ଟି କୋଇଲା ଖଣି ସଫଳତାର ସହ ନିଲାମ ହୋଇଛି । ଏହା ୪୦ ହଜାର କୋଟିରୁ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ସହ ୪ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ ଆଶାବ୍ୟକ୍ତ କରିଛନ୍ତି ।

**V/O-G.kishan Reddy Cut-2**

# ଅଷ୍ଟ୍ରେଲିୟା ପୋଲ୍ସ

ଆସନ୍ତା ମେ ୩ ତାରିଖରେ ଅଷ୍ଟ୍ରେଲିଆରେ ସାଧାରଣ ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ । ଗତକାଲି ସେଠାକାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଏହି ବିଷୟ ଘୋଷଣା କରିଛନ୍ତି ।

ଏକ ଭିଡ଼ିଓବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଭୋଟରମାନଙ୍କୁ ମତଦାନ ଲାଗି ଆହ୍ୱାନ ଦେଇଛନ୍ତି ।

ସୂଚନା ଯୋଗ୍ୟ ଅଷ୍ଟ୍ରେଲିଆରେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଆଲବାନିଜ୍‌ଙ୍କ ନେତୃତ୍ୱାଧୀନ ଲେବର ପାର୍ଟି ଏବଂ ବିରୋଧୀ ଦଳ ନେତା ପିଟର ଡଟନ୍‌ଙ୍କ କଞ୍ଜରଭେଟିବ୍ ପାର୍ଟି ମଧ୍ୟରେ ମୁକାବିଲା ହେବ । ଏହି ନିର୍ବାଚନରେ ଅଷ୍ଟ୍ରେଲିଆରେ ବ୍ୟୟବହୁଳ ଜୀବନଶୈଳୀ, ବାସଗୃହ ସମସ୍ୟା ଓ ସୁଧହାର ବୃଦ୍ଧି ପ୍ରମୁଖ ବିଷୟ ରହିଥିବା ଜଣାପଡ଼ିଛି ।

## ଚିଲି ପ୍ରେସିଡେଣ୍ଟ ଭିଜିଟ୍

ଚିଲିର ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଆସନ୍ତା ଏପ୍ରିଲ୍ ପହିଲାରୁ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ଦଳ ମଧ୍ୟ ଭାରତ ଗସ୍ତ କରିବେ । ଏଥିରେ ମନ୍ତ୍ରୀ, ସାଂସଦ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବ୍ୟବସାୟିକ ସଂଘ, ଗଣମାଧ୍ୟମ ପ୍ରତିନିଧି ଓ ଭାରତ-ଚିଲି ସାଂସ୍କୃତିକ ସଂଘ ସଦସ୍ୟ ପ୍ରମୁଖ ଅଛନ୍ତି । ରାଷ୍ଟ୍ରପତି ଭାବେ ଶ୍ରୀ ଫଣ୍ଟଙ୍କ ଏହା ପ୍ରଥମ ଭାରତଗସ୍ତ ହେବ ।

ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ବୋରିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଭାରତ-ଚିଲି ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ

ଆଲୋଚନା କରିବେ । ଅତିଥିଙ୍କ ସମ୍ମାନରେ ପ୍ରଧାନମନ୍ତ୍ରୀ ମଧ୍ୟାହ୍ନ ଭୋଜନ ଆୟୋଜନ କରିବେ ।

ଶ୍ରୀ ବୋରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅତିଥିମାନଙ୍କ ସମ୍ମାନାର୍ଥେ ରାତ୍ରି ଭୋଜନ ଆୟୋଜନ କରିବେ । ଭାରତ ଗସ୍ତ ସାରି ଚିଲି ଫେରିବା ପୂର୍ବରୁ ରାଷ୍ଟ୍ରପତି ବୋରିକ୍ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତ କରିବେ । ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ସେ ରାଜନୈତିକ ନେତୃବୃନ୍ଦ, ବ୍ୟବସାୟୀ ଏବଂ ଶିଳ୍ପ ଗୋଷ୍ଠୀ, ଷ୍ଟାର୍ଟଅପ୍ ଓ ବୈଷୟିକ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

ଚିଲି ସହ ଭାରତର ଦୃଢ଼ ସମ୍ପର୍କ ରହିଛି । ଆମେରିକୀୟ ଅଞ୍ଚଳରେ ଚିଲି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ପାଲଟିଛି । ରାଷ୍ଟ୍ରପତି ବୋରିକ ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ସ୍ୱାର୍ଥ ସମ୍ପନ୍ନ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୫ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍' ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୯୦ରନ୍ ସ୍କୋର କରିଥିଲା । ୧୯୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍୨୩ଟି ବଲ୍ ବାକିଥାଇ ୧୯୩ରନ୍ ସ୍କୋର୍ କରିଥିଲା । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ବୋଲ୍‌ର ସାର୍ଦ୍ଦୁଲ୍ ଠାକୁରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ଚେନ୍ନାଇରେ ଆଇପିଏଲ୍‌ର ଅଷ୍ଟମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ  ସଧରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ ।